<u>**୫. ଶତାବରୀ**</u>

ଶତାବରୀ ଏକ ଔଷଧୀୟ ଉଭିଦ | ଆୟୁର୍ବେଦ, ସିଦ୍ଧ ଓ ହୋମିଓପ୍ୟାଥି ଆଦି ଔଷଧ ପ୍ରସ୍ତୁତି ରେ ଏହାର ବହୁଳ ବ୍ୟବହାର କରାଯାଉଅଛି | ଏକ ଆକଳନରୁ ଜଣାପଡିଛି ଯେ କେବଳ ଭାରତରେ ବାର୍ଷିକ ୫୦୦ ଟନ ଶତାବରୀ ଚେର ଔଷଧ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ପଡିଥାଏ | ଜଙ୍ଗଲରେ ଏହାର ପରିମାଣ ମଧ୍ୟ ବହୁତ କମ ଦେଖାଯାଉଅଛି ତେଣୁ ଏହାର ଚାଷ ବର୍ତମାନ ସ୍ଥିତିର ବହୁତ ଲାଭଦାୟକ |

**ଉଭିଦ ପରିଚୟ:**

ଭାରତ ର ବିଭିନ୍ନ ଭାଗରେ ଏହା ପ୍ରାକୃତିକ ରୂପରେ ଦେଖାଯାଉଥିବା ଏକ କଣ୍ଟକାରୀ ଔଷଧୀୟ ଉଭିଦ | ଏହା ଏକ ବହୁବର୍ଷୀୟ ଲତା ଜାତୀୟ ଉଭିଦ ପୁର୍ଣ ବିକଶିତ ଉଭିଦ ର ଲମ୍ବା ୩୦ ରୁ ୩୫ ଫୁଟ ପର୍ଯନ୍ତ ହୋଇଥାଏ, ପତ୍ର ଗୁଡିକ ଅତ୍ୟନ୍ତ ପତଳା ଛୁଞ୍ଚି ଭଳି ତତ ସହିତ ଛୋଟ ଛୋଟ କଣ୍ଟା ରହିତ | ସେପ୍ଟେମ୍ବର ମାସରେ ଏଥିରେ ଶ୍ୱେତ ରଙ୍ଗର ପୁଷ୍ପ ଆସିଥାଏ ତଦୁପରାନ୍ତ ଗୁଚ୍ଛ ଆକାରରେ ଫଳ ହୋଇଥାଏ | ଫଳ ପରିପକ୍ୱ ହୋଇଗଲେ ଲାଲ ରଙ୍ଗର ଦେଖାଯାଏ | ମାଟି ତଳେ ଏହାର ଚେର ଗୁଡିକ ଗୁଚ୍ଛା ଆକାରର ହୋଇଥାଏ | ବିଭିନ୍ନ ପ୍ରଦେଶରେ ଏହାର ନାମକରଣ ଯଥା -

ବେଙ୍ଗଲୀ ନାମ – ଶତାମୂଲୀ

ଓଡ଼ିଆ ନାମ – ଗାଇଚେରା, ଶତାବରୀ

ହିନ୍ଦୀ ନାମ – ଶତାବର, ଶତାବରୀ

ସଂସ୍କୃତ ନାମ – ଶତମୂଲୀ, ଶତାବରୀ

ଇଂରାଜୀ ନାମ- ଇଣ୍ଡିଆନ ଅସ୍ପରାଗ୍ସ

<u>**ଚାଷ ପ୍ରଣାଳୀ:**</u>

**ଜଳବାୟୁ ଓ ମୃର୍ତ୍ତିକା:**

ଶତାବରୀ ଚାଷ ନିମନ୍ତେ ଉଷ୍ଣ-ଆଦ୍ର ଜଳବାୟୁ ଅତ୍ୟନ୍ତ ଉପଯୋଗୀ | ୧୦-୫୦ ଡିଗ୍ରୀ ସେଲସିଆସ ତାପମାତ୍ରା ରହିତ ଅଂଚଳ ରେ କେବଳ ଥଣ୍ଡା ରହିତ ପ୍ରଦେଶ କୁ ଛାଡ଼ି ଭାରତ ର ସମସ୍ତ ପ୍ରଦେଶ ଏହାର ଚାଷ ନିମନ୍ତେ ଉପଯୋଗୀ | ଏହାର ଚେର ମାଟିରେ ୬-୮ ଇଂଚ ପର୍ଯନ୍ତ ବୃଦ୍ଧି ହେଉଥିବାରୁ

ଏହାର ଚାଷ ନିମନ୍ତେ କ୍ଷେତ ର ମୃତ୍ତିକା ବାଲୁକା-ଦୋରସା ଏବଂ ନିଗିଡ଼ା ଜମି ହୋଇଥିବା ଦରକାର | ନଚେତ କ୍ଷେତ ରେ ପାଣି ଜମିବ ଦ୍ୱାରା ଏହାର ମୂଳ ପଚିଯାଇଥାଏ |

**ନର୍ସରୀ ପ୍ରସ୍ତୁତି/ ଚାରା ପ୍ରସ୍ତୁତି:**

ଶତାବରୀ ର ଚାରା ପ୍ରସ୍ତୁତି ଏହାର ମୂଳ ଓ ମଞ୍ଜି ଦ୍ୱାରା କରାଯାଇଥାଏ କିନ୍ତୁ ଏହାର ମଞ୍ଜି ଦ୍ୱାରା ଚାରା ପ୍ରସ୍ତୁତି ଉତ୍ତମ ମାଧମ | ୧ ହେକ୍ଟର ଜମି ଚାଷ ନିମନ୍ତେ ୫୦୦ ବର୍ଗଫୁଟ ଜମି ଦରକାର | ଜମି ପ୍ରସ୍ତୁତି ସମୟରେ ଶଢା ଗୋବର ଖତ ମିଶାଇ ନର୍ସରୀ ବେଡ଼ ପ୍ରସ୍ତୁତି କରିବାକୁ ହେବ | ଚାରା ପ୍ରସ୍ତୁତି ନିମନ୍ତେ ୧୨-୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ପଡିଥାଏ | ମଞ୍ଜି ରୋନା ପୂର୍ବରୁ ମଞ୍ଜିକୁ ୨୪ ଘଣ୍ଟା ପର୍ଯନ୍ତ ପାଣିରେ ଭିଜିବାକୁ ହେବ ଯାହା ଦ୍ୱାରା ମଞ୍ଜି ସହଜରେ ଅଙ୍କୁରଣ ହୋଇଥାଏ | ମେ  ମାସ ୧୫ ତାରିଖ ବେଳକୁ ଏହା ପୂର୍ବ ପ୍ରସ୍ତୁତ  ନର୍ସରୀ ବେଡ଼ ରେ ୨-୩ ସେ.ମି. ଗଭୀରରେ ରୋପଣ କରିବାକୁ ହେବ | ୧୨-୧୫ ଦିନ ମଧରେ ମଞ୍ଜି ଅଙ୍କୁରିତ ହୋଇଥାଏ | ଚାରାଗୁଡିକ ୪୫ ରୁ ୫୦ ଦିନ ର ହୋଇଗଲାପରେ ଏହା ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଯାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ଶତାବରୀ ଚେର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ସର୍ପଗନ୍ଧା ଚେର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୫-୬ ଟନ ଶଢା ଗୋବର ଖତ ଓ ୧୦୦ କିଲୋଗ୍ରାମ  ଜିଆଖତ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ଶତାବରୀ ଏକ ୨୪ ମାସରୁ ୪୦ ମାସିଆ ଫସଲ ତେଣୁ ଏଥି ନିମନ୍ତେ ପରସ୍ପରୁ ହିଁ ଉତ୍ତମ ରୂପରେ କ୍ଷେତ ପ୍ରସ୍ତୁତି ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୧୦ ଟନ ଶଢା ଗୋବର ଖତ ଓ ୫୦୦ କିଲୋଗ୍ରାମ  ଜିଆଖତ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

**ଚାରା ରୋପଣ:**

ଚାରାଗୁଡିକ ୪୫-୫୦ଦିନର ହୋଇଗଲାପରେ ଚାରା କୁ ଚାରା ୬୦ ସେ.ମି., ଧାଡି କି ଧାଡି ୬୦ ସେ.ମି.ଏବଂ୪-୫ ସେ.ମି. ଗଭୀରରେ ମୁଖ୍ୟ କ୍ଷେତରେ ରୋପଣ କରାଯାଏ | ବର୍ଷକ ପରେ ଗଛ ପ୍ରତି

୫୦୦ ଗ୍ରାମ ଶଢା ଗୋବର ଖତ ପ୍ରୟୋଗ କରିଲେ ମାଟି ହାଲକା ହେବ ସହିତ ଚେର ଗୁଡିକ ଭଲ ବଢିଥାଏ |

**ରଞ୍ଜା ବ୍ୟବସ୍ଥା:**

ଶତାବରୀ ଏକ ଆରୋହୀ ଲତା ହୋଇଥିବାରୁ ଏହା ମାଡ଼ିବ ନିମନ୍ତେ ରଞ୍ଜା ଆବଶ୍ୟକ | ପ୍ରତ୍ୟେକ ଚାରା ମୂଳରେ ଶୁଖିଲା ଡାଳ କିମ୍ବା ବାଉଁଶ ଝଟା ରଞ୍ଜା ଦିଆଯାଏ ଯାହାଦ୍ଵାରା ଘଂଚ ଗୁଡିକ ଭଲ ବଢିଥାଏ | ମଝିରେ ମଝିରେ ଧ୍ୟାନ ଦେବାକୁହେବ ଯେପରି ରଞ୍ଜାରେ ଓଇ ଲାଗି ଗଛକୁ ନଷ୍ଟନକରେ |

**ଘାସ ବାଛିବା:**

କ୍ଷେତରୁ ନିୟମିତ ବ୍ୟବଧାନରେ ଘାସ ଓ ଅନାବନା ଗଛ ବାଛିବା ଆବଶ୍ୟକ ପଡିଥାଏ | ଏହାଦ୍ଵାରା କ୍ଷେତ ଅସଫ ରହିବା ସହିତ ହାତରେ ଘାସ ସଫା କରିବା ଦ୍ଵାରା ମାଟି ହାଲୁକା ହୋଇଥାଏ ଯାହାଦ୍ଵାରା ଗଛର ଚେର ବୃଦ୍ଧି ହେବାରେ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇଥାଏ |

**ଜଳସେଚନ ବ୍ୟବସ୍ଥା:**

ଶତାବରୀ ପାଇଁ ଅଧିକ ଜଳସେଚନର ଆବଶ୍ୟକତା ପଡ଼ିନଥାଏ | ମାସରେ ଥରେ ଜଳସେଚନ ଏଥିପାଇଁ ଯଥେଷ୍ଟ | ବର୍ଷା ଓ ଶୀତ ଋତୁରେ ପ୍ରାୟ ଜଳସେଚନର ଆବଶ୍ୟକତା ପଡ଼ିନଥାଏ କିନ୍ତୁ ଗ୍ରୀଷ୍ମ ଋତୁରେ ଜଳସେଚନ ଆବଶ୍ୟକ କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ଗଛ ମୂଳରେ ପାଣି ଜମି କରି ନରୁହେ |

**ଅମଳ:**

୨୪ ରୁ ୪୦ ମାସ ମଧ୍ୟରେ ଏହା ଅମଳ କରାଯାଏ | ଏହାର ଅମଳ ନିମନ୍ତେ ଏପ୍ରିଲ ଓ ମେ ମାସ ହିଁ ପ୍ରକୃଷ୍ଟ ସମୟ ଯେତେ ବେଳେ ମଞ୍ଜି ଗୁଡିକ ପଚି ଯାଏ | ମଳର ୨-୩ ଦିନ ପୂର୍ବରୁ କ୍ଷେତରେ ସାମାନ୍ୟ ଧରଣର ଜଳସେଚନ କରିଲେ ମାଟି ହାଲୁକା ହୋଇଯାଏ ଫଳରେ ଚେର ଗୁଡିକ ସହଜରେ ଉପୁଡି ଥାଏ | ଯେହେତୁ ଏହାର ଚେର ହିଁ ମୁଖ୍ୟ ତେଣୁ କୋଦାଳ ସାହାଯ୍ୟରେ ଖୋଳିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ଏହାର ଚେର ଗୁଡିକ ନଷ୍ଟ ନହୁଏ |

**ଅମଳ ପରବର୍ତ୍ତୀ ଯତ୍ନ:**

ଶତାବରୀ ଚେର ଅମଳ କରିଲା ପରେ ଏହାର ଚେରକୁ ଭଲ ଭାବରେ ପରିଷ୍କାର କରିବା ଦରକାର | ପରିଷ୍କାର କରିବା ପରେ ଏହାର ଚେରରୁ ଚୋପା ଛଡ଼ାଯାଏ | ଚୋପା ଛଡ଼ାଇବା ନିମନ୍ତେ ଏହାର କାଣ୍ଡକୁ ସାମାନ୍ୟ ସିଝାଯାଏ, ଏହା ଥଣ୍ଡା ହୋଇଗଲାପରେ କନ୍ଦାରୁ  ଚୋପାକୁ ଅଲଗାକରାଯାଏ ତତ

ପାଶ୍ଚାତ ଉକ୍ତ କାଣ୍ଡକୁ ୨ ଇଞ୍ଚ ଲମ୍ବର ଖଣ୍ଡ ଖଣ୍ଡ କରି ଶୁଖାଯାଏ | କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ବାହ୍ୟ ପଦାର୍ଥ କିମ୍ବା ଧୂଳି ଇତ୍ୟାଦି ଦ୍ୱାରା ଏହା ପ୍ରଦୂଷିତ ନହୁଏ |

ହେକ୍ଟରପ୍ରତି ପ୍ରାୟ ୬୫୦୦ କୁଇଣ୍ଟାଲ କନ୍ଦା ଅମଳ ହୋଇଥାଏ |ଏହାର ପକ୍ରିୟାକରଣ ପରେ ୬୫୦ କୁଇଣ୍ଟାଲ ଅମଳ ହୋଇଥାଏ | ଏହାପରେ ପଲିଥିନ ଥଳୀରେ ସରଣକ୍ଷଣ କରି ରଖାଯାଏ |

**ବ୍ୟୟ ଅଟକଳ:**

**୧. ବ୍ୟୟ**

| **କ୍ରମିକ ନମ୍ବର** | **ଖର୍ଚ୍ଚ ବିଶେଷ** | **ପରିମାଣ** | **ଟଙ୍କା ର ପରିମାଣ** |
|---|---|---|---|
| ୧ | ମଞ୍ଜି | ୧୫ କିଲୋଗ୍ରାମ | ୧୫,୦୦୦ |
| ୨ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦ |
| ୩ | ଗୋବର ଖତ | ୧୦ ଟନ | ୬,୨୫୦ |
| ୪ | ଜିଆ ଖତ | ୫୦୦ କେ. ଜି | ୪,୦୦୦ |
| ୫ | ଜଳସେଚନ | | ୩,୦୦୦ |
| ୬ | ରଞ୍ଜାଦେବା | | ୧୦,୦୦୦ |
| ୭ | ଘାସ ବଛା | | ୩,୦୦୦ |
| ୮ | କୀଟନାଶକ | | ୨,୫୦୦ |
| ୯ | ଅମଳ | | ୫,୦୦୦ |
| ୧୦ | ପକ୍ରିୟାକରଣ | | ୫,୦୦୦ |
| | | **ମୋଟ** | **୫୯,୦୦୦ ଟଙ୍କା** |

**୨. ଆୟ**

| **ଅମଳ** | **ପରିମାଣ** | **କିଲୋଗ୍ରାମ ପ୍ରତି ମୂଲ୍ୟ** | **ଟଙ୍କା ର ପରିମାଣ** |
|---|---|---|---|
| ଶତାବରୀ ଚେର | ୬୫୦ କୁଇଣ୍ଟାଲ | ୩୦୦ ଟଙ୍କା | ୧,୯୫,୦୦୦ ଟଙ୍କା |
| ମଞ୍ଜି | ୩୫୦ କିଲୋଗ୍ରାମ | ୪,୫୦୦ ଟଙ୍କା | ୨,୭୦,୦୦୦ ଟଙ୍କା |
| | | **ମୋଟ** | **୭,୮୧,୦୦୦ ଟଙ୍କା** |